# NATIONAL NEWS BULLETIN (ODIA)

**4 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଧ୍ୟାତ୍ମିକତା ମାଧ୍ୟମରେ ବ୍ୟକ୍ତିଗତ ଜୀବନ ସହ ସମାଜ ଓ ପୃଥିବୀ ମାତା ସହ ଜଡ଼ିତ ଅନେକ ସମସ୍ୟାର ସମାଧାନ ହୋଇପାରିବ- କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଶାସ୍ତ୍ରୀୟ ଭାଷା ତାଲିକାରେ ୫ଟି ଆଞ୍ଚଳିକ ଭାଷା ସାମିଲ ହୋଇଥିବାରୁ ସନ୍ତୋଷବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ତିରୁମାଲା ତିରୁପତି ମନ୍ଦିରରେ ପ୍ରସାଦମ୍ ଲଡ୍ଡୁ ପ୍ରସ୍ତୁତିରେ ଅପମିଶ୍ରିତ ଘିଅ ବ୍ୟବହାର ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ।

- ଉତ୍ତରପ୍ରଦେଶ ମୀର୍ଜାପୁରରେ ସଡ଼କ ଦୁର୍ଘଟଣାରେ ୧୦ ମୃତ, ୩ ଆହତ ।

ଏବଂ

- ସାରଜାଠାରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ହେବ ଦୁଇଟି ମ୍ୟାଚ୍ ।

# ରାଷ୍ଟ୍ରପତି-ରାଜସ୍ଥାନ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଆଧ୍ୟାତ୍ମିକତା ମାଧ୍ୟମରେ କେବଳ ବ୍ୟକ୍ତିଗତ ଜୀବନ ନୁହେଁ, ସମାଜ ଓ ପୃଥିବୀ ମାତା ସହ ଜଡ଼ିତ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଆଜି ରାଜସ୍ଥାନରେ ସ୍ୱଚ୍ଛ ଏବଂ ସୁସ୍ଥ ସମାଜ ପାଇଁ ଆଧ୍ୟାତ୍ମିକତା ଉପରେ ବିଶ୍ୱ ଶିଖର ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି। ଆବୁରୋଡ୍‌ସ୍ଥିତ ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଛି।

ରାଷ୍ଟ୍ରପତି ମୁର୍ମୁ ଏହି ଅବସରରେ କହିଛନ୍ତି ଯେ, ବିଶ୍ୱର ଅନେକ ସ୍ଥାନରେ ଅଶାନ୍ତି ଲାଗି ରହିଥିବା ବେଳେ ମାନବିକ ମୂଲ୍ୟବୋଧ ହ୍ରାସ ପାଉଛି । ତେଣୁ ଶାନ୍ତି ଓ ଏକତାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ସେ କହିଛନ୍ତି, ଆଜି ବିଶ୍ୱ ତାପାୟନ ଏବଂ ପରିବେଶ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ସହ ବିଶ୍ୱ ସଂଘର୍ଷ କରୁଛି। ଏଭଳି କଠିନ ସମୟରେ ଏହି ଆହ୍ୱାନର ମୁକାବିଲା ପାଇଁ ସମସ୍ତ ସମ୍ଭବ ପ୍ରୟାସ କରିବା ଆମର କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ମା'ଙ୍କ ନାମରେ ଚାରାରୋପଣ ପାଇଁ ଭାରତ ସରକାରଙ୍କ ଅଭିଯାନରେ ସାମିଲ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ସ୍ୱଚ୍ଛତା ବିଷୟରେ ରାଷ୍ଟ୍ରପତି କହିଛନ୍ତି ଯେ ସବୁ ପରମ୍ପରାରେ ଏହାକୁ ଗୁରୁତ୍ୱ ଦିଆଯାଇଛି । ସେ କହିଛନ୍ତି, ବିବେକର ଶୁଦ୍ଧତା ପାଇଁ ଆମ ପୂର୍ବପୁରୁଷମାନେ ଖାଦ୍ୟର ଶୁଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ।

ସରକାର ପ୍ରାକୃତିକ ଚାଷକୁ ପ୍ରୋତ୍ସାହନ ଦେଉଥିବା ବିଷୟରେ ରାଷ୍ଟ୍ରପତି କହିଛନ୍ତି, ଏହା ଦ୍ୱାରା ଶୁଦ୍ଧ ଖାଦ୍ୟ ମିଳିପାରିବ।

ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗଡେ ମଧ୍ୟ ଉଦ୍‌ବୋଧନ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରାଠୀ, ପାଲି, ପ୍ରାକୃତ, ଆସାମୀ ଏବଂ ବଙ୍ଗଳାଭାଷାକୁ ଶାସ୍ତ୍ରୀୟ ଭାଷା ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ଆମ ସରକାର ଭାରତର ସମୃଦ୍ଧ ଇତିହାସ ଏବଂ ସଂସ୍କୃତିକୁ ଆଦର କରନ୍ତି ଏବଂ ଏହାର ବିକାଶ ଦିଗରେ ଉଦ୍ୟମ କରିଥାନ୍ତି । ଆଞ୍ଚଳିକ ଭାଷାଗୁଡ଼ିକୁ ଲୋକପ୍ରିୟ କରିବା ପାଇଁ ଆମେ ଆମର ପ୍ରତିବଦ୍ଧତାକୁ ଅତୁଟ ରଖିଛୁ, ଯାହା ଆମ ସଂସ୍କୃତିର ନିଦର୍ଶନକୁ ଆହୁରି ଲୋକପ୍ରିୟ କରୁଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଭିଡ଼ ହ୍ରାସ କରିବାରେ ସହାୟକ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ନୂଆ ରାସ୍ତା ଉନ୍ମୁକ୍ତ କରିବ । ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ କ୍ୟାବିନେଟ ଅନୁମୋଦନ କରିଥିବାରୁ ଶ୍ରୀ ମୋଦୀ ଚେନ୍ନାଇ ଏବଂ ତାମିଲନାଡୁବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଖାଇବା ତେଲ-ତୈଳବୀଜ ଉପରେ ଏକ ରାଷ୍ଟ୍ରୀୟ ମିଶନ ଗଠନ ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା

'ଆତ୍ମନିର୍ଭରତା' ଦିଗରେ ଏକ ବଡ଼ ପଦକ୍ଷେପ । ଏହି ମିଶନ ଘରୋଇ ତୈଳବୀଜ ଉତ୍ପାଦନକୁ ବୃଦ୍ଧି କରିବା ସହ ପରିଶ୍ରମୀ କୃଷକମାନଙ୍କୁ ସହାୟକ ହେବ ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି ।

## ସୁପ୍ରିମକୋର୍ଟ-ତିରୁପତି ଶୁଣାଣି

ତିରୁମାଲା ତିରୁପତି ମନ୍ଦିରରେ ପ୍ରସାଦମ ଲଡୁ ପ୍ରସ୍ତୁତ କରିବାରେ ଅପମିଶ୍ରିତ ଘିଅ ବ୍ୟବହାର ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ-ଏସ୍ଆଇଟି ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ଏସ୍ଆଇଟିରେ ଦୁଇ ଜଣ ସିବିଆଇ ଅଧିକାରୀ, ଆନ୍ଧ୍ରପ୍ରଦେଶର ଦୁଇ ଜଣ ପୋଲିସ ଅଧିକାରୀ ଏବଂ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣର ଜଣେ ବରିଷ୍ଠ ଅଧିକାରୀ ସଦସ୍ୟ ରହିବେ । ସିବିଆଇ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ । ଆଜି ଏହି ମାମଲାର ବିଭିନ୍ନ ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଏହି ମାମଲାରେ ଆସିଥିବା ଅଭିଯୋଗ ଓ ପ୍ରତ୍ୟାରୋପ ଉପରେ କୌଣସି ବିଷୟ ପରୀକ୍ଷା କରାଯାଇ ନାହିଁ ଏବଂ ସୁପ୍ରିମ୍ କୋର୍ଟଙ୍କ ନିଷ୍ପତ୍ତିକୁ ରାଜନୈତିକ ମନ୍ତବ୍ୟ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ । ତିରୁମାଲା ମନ୍ଦିର ଠାକୁରଙ୍କ କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବନାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଦିଆଯାଉଛି ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି ।

ବରିଷ୍ଠ ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀ, ରାଜ୍ୟସଭା ସାଂସଦ ତଥା ତିରୁମାଲା ତିରୁପତି ଦେବସ୍ଥାନମର ପୂର୍ବତନ ଅଧ୍ୟକ୍ଷ ୱାଇଭି ସୁବା ରେଡ୍ଡୀ

ଏବଂ ଐତିହାସିକ ବିକ୍ରମ ସମ୍ପତ ଏବଂ ଆଧ୍ୟାତ୍ମିକ ପ୍ରବଚକ ଦୁଷ୍ମନ୍ତ ଶ୍ରୀଧରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ୟୁପି-ମୀର୍ଜାପୁର ଦୁର୍ଘଟଣା

ଉତ୍ତରପ୍ରଦେଶର ମିର୍ଜାପୁର ଜିଲ୍ଲାରେ ଆଜି ଭୋର ସମୟରେ ଏକ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି।

ମିର୍ଜାପୁର-ବାରଣାସୀ ସୀମାରେ ଥିବା ମୀର୍ଜାମୁରାଦ ନିକଟରେ ଏକ ଟ୍ରକ୍ ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ମିର୍ଜାପୁର ଆରକ୍ଷୀ ଅଧିକ୍ଷକ ଅଭିନନ୍ଦନ ସୂଚନା ଦେଇଛନ୍ତି ଯେ ୧୩ ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ଟ୍ରାକ୍ଟରକୁ ପଛପଟୁ ଟ୍ରକ୍ ଧକ୍କା ଦେଇଥିଲା। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ପ୍ରତି ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିର୍ଜାପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ପିଏମ୍-ମୀର୍ଜାପୁର

ଉତ୍ତରପ୍ରଦେଶର ମିର୍ଜାପୁରରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ସ୍ଥାନୀୟ ପ୍ରଶାସନ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପିଏମ୍-ଶ୍ୟାମଜୀ ବର୍ମା

ବିପ୍ଲବୀ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମଜୀ କୃଷ୍ଣ ବର୍ମାଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ, ଶ୍ୟାମଜୀ କୃଷ୍ଣ ବର୍ମାଙ୍କ ଦେଶ ପ୍ରତି ଅତୁଟ ସମର୍ପଣ ଭାବନା ଉପରେ ଆଲୋକପାତ କରି କହିଛନ୍ତି ଯେ ତାଙ୍କ ନୀତି ଓ ଆଦର୍ଶ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଇବ। ସେ କହିଛନ୍ତି, ଯେ ଶ୍ୟାମଜୀ କୃଷ୍ଣ ବର୍ମାଙ୍କ ବିପ୍ଲବୀ କାର୍ଯ୍ୟ ଦେଶର ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ସାହସ ଯୋଗାଇଥିଲା ।

# ତେଲେଙ୍ଗାନା-ମାନହାନି ମାମଲା

ହାଇଦ୍ରାବାଦ୍‌ର ନାମପଲ୍ଲୀ କୋର୍ଟରେ ତେଲେଙ୍ଗାନା ମନ୍ତ୍ରୀ କେ.ସୁରେଖାଙ୍କ ବିରୋଧରେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଏ ନାଗାର୍ଜୁନ ମାନହାନି ମାମଲା ଦାୟର କରିଛନ୍ତି। ଅଭିନେତାଙ୍କ ପରିବାର କେବଳ ମନ୍ତ୍ରୀଙ୍କ ବୟାନରେ ନିରାଶ ନୁହଁନ୍ତି ବରଂ ଦୁଃଖିତ ଅଛନ୍ତି ବୋଲି କହିଛନ୍ତି । ହାଇଦ୍ରାବାଦର ଏକ ଅଦାଲତରେ ଦାୟର ହୋଇଥିବା ମାମଲାରେ ଅଭିନେତା ନାଗାର୍ଜୁନ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ନେତ୍ରୀ ସୁରେଖା ଜାଣିଶୁଣି ତାଙ୍କ ବ୍ୟକ୍ତିଗତ, ବୃତ୍ତିଗତ ଏବଂ ପାରିବାରିକ ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ ମିଥ୍ୟା ପ୍ରଚାର କରୁଛନ୍ତି। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ରାଜନୈତିକ ଫାଇଦା ଉଦ୍ଦେଶ୍ୟରେ ସୁରେଖା ଜନସାଧାରଣଙ୍କ ନିକଟରେ ତାଙ୍କ ପରିବାର ବିରୋଧରେ ମିଛ କହୁଛନ୍ତି । ଅଭିଯୋଗରେ ଏହାକୁ ସେ ଅପରାଧିକ କାର୍ଯ୍ୟ ଭାବେ ବର୍ଣ୍ଣନା କରିଛନ୍ତି । ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ନାଗା ଚୈତନ୍ୟଙ୍କ ଛାଡ଼ପତ୍ର ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିଆର୍‌ଏସ୍ ନେତା କେ.ଟି. ରାମାରାଓଙ୍କୁ ଦାୟୀ କରି ଦେଇଥିବା ମନ୍ତବ୍ୟକୁ ନେଇ ସମାଲୋଚନାର ଶିକାର ହୋଇଥିବା ତେଲେଙ୍ଗାନା ମନ୍ତ୍ରୀ ସୁରେଖା ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରି ନେଇଛନ୍ତି ।

## କଙ୍ଗୋ-ଡଙ୍ଗାବୁଡ଼ି

ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ଗତକାଲି ଦେଶର ପୂର୍ବ ଭାଗରେ ଥିବା କିଭୁ ହ୍ରଦରେ ଏକ ଡଙ୍ଗା ବୁଡ଼ିଯିବାରୁ ୮୭ ଜଣଙ୍କର ମୃତ୍ୟୁ ଘଟିଛି। ଏବେ ବି ୭୮ ଜଣ ନିଖୋଜ ଥିବା ସେଠାକାର ସରକାର ପକ୍ଷରୁ ସୂଚନା ମିଳିଛି । ତେବେ ଡଙ୍ଗାରେ କେତେ ଜଣ ଯାତ୍ରୀ ଯାତ୍ରା କରୁଥିଲେ ତାହା ଜଣାପଡ଼ିନାହିଁ।

ଡଙ୍ଗାଟି ଦକ୍ଷିଣ କିଭୁର ମିନୋଭା ସହରରୁ ଯାତ୍ରା କରୁଥିବା ବେଳେ ଗୋମାଙ୍କ କୂଳରେ ପହଞ୍ଚିବା ମାତ୍ରେ ବୁଡ଼ି ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଡଙ୍ଗାଟିରେ ଆବଶ୍ୟକତାଠାରୁ ଅତ୍ୟଧିକ ଯାତ୍ରୀ ଯାତ୍ରା କରୁଥିବାରୁ ବନ୍ଦର ନିକଟରୁ ମାତ୍ର ୭୦୦ ମିଟର ଦୂରରେ ଲହଡ଼ି ମାଡ଼ରେ ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା ।

## ୟୁରୋପୀୟ ସଂଘ-ଲେବାନନ ସହାୟତା

ୟୁରୋପୀୟ ସଂଘ ଲେବନାନ ପାଇଁ ଅତିରିକ୍ତ ୩୦ ନିୟୁତ ୟୁରୋର ମାନବିକ ସହାୟତା ଘୋଷଣା କରିଛି । ହିଜବୁଲ୍ଲା ସହ ଇସ୍ରାଏଲର ବିବାଦ ବଢ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଲେବାନନରେ ୟୁରୋପୀୟ ସଂଘର ପ୍ରତିନିଧି ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ରବିବାର ଘୋଷଣା କରାଯାଇଥିବା ୧୦ ନିୟୁତ ୟୁରୋ ବ୍ୟତୀତ ଏହି ନୂତନ ସହାୟତା ଦିଆଯିବ ।

ଏହି ସହାୟତା ପ୍ୟାକେଜରେ ତୁରନ୍ତ ଖାଦ୍ୟ ସହାୟତା, ଆଶ୍ରୟ, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯିବ । ମୁଖ୍ୟତଃ ହିଜବୁଲ୍ଲା ଅଧିକାରୀ ଏବଂ ଲେବାନନ୍ ଓ ଏହାର ଉପାନ୍ତ ଅଞ୍ଚଳରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଏପର୍ଯ୍ୟନ୍ତ ୧୨ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି।

## ପଶ୍ଚିମବଙ୍ଗ-ଅର୍ଜୁନ ସିଂହ ଆକ୍ରମଣ

ପଶ୍ଚିମବଙ୍ଗରେ ବିଜେପିର ପୂର୍ବତନ ସାଂସଦ ଅର୍ଜୁନ ସିଂହଙ୍କ ବାସଭବନ ଉପରେ ଆଜି ସକାଳେ ଆକ୍ରମଣ ହୋଇଛି। ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଜଗତ୍‌ଦଳରେ କିଛି ଦୁର୍ବୃତ୍ତ ତାଙ୍କ ଘର ଉପରକୁ ବୋମା ମାଡ଼ କରିବା ସହ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଅର୍ଜୁନ ସିଂହ କହିଛନ୍ତି ଯେ ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପରେ ପୁଲିସ ଓ ରାପିଡ୍ ଆକ୍ସନ ଫୋର୍ସ ନିୟୋଜିତ କରାଯାଇଛି । ଏହି ଆକ୍ରମଣରେ ସ୍ଥାନୀୟ କର୍ପୋରେଟରଙ୍କ ପୁଅ ନମିତ୍ ସିଂହଙ୍କ ସମ୍ପୃକ୍ତି ଥିବା ବିଜେପି ନେତା ଅଭିଯୋଗ କରିଛନ୍ତି। ପୂର୍ବରୁ ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଗିରଫ କରିଥିଲା ଏବଂ ପରେ ସେ ଜାମିନରେ ଆସିଥିଲେ ।

# ବିହାର ବନ୍ୟା

ବିହାରରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଦରଭଙ୍ଗା, ପୂର୍ବ ଚମ୍ପାରନ, ଖଗରିଆ ଏବଂ ମୁଜାଫରପୁର ଜିଲ୍ଲାର ଅନେକ ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇଛି । ବାଗମତି, କମଲାବାଲାନ ନଦୀ ବନ୍ୟାଜଳରେ ଅନେକଗୁଡ଼ିଏ ଗାଁ ବୁଡ଼ିଯାଇଛି । ୧୮ଟି ଜିଲ୍ଲାର ୧୬ଲକ୍ଷରୁ ଅଧିକ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଅନ୍ୟପକ୍ଷରେ ପଶ୍ଚିମ ଚମ୍ପାରନ, ସୀତାମାଢ଼ି ଏବଂ ସୁପୋଲ ଅଞ୍ଚଳର ଅନେକଗୁଡ଼ିଏ ସ୍ଥାନରୁ ବନ୍ୟାଜଳ ହ୍ରାସ ପାଇଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ଦରଭଙ୍ଗାରେ ପହଞ୍ଚି ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । କେତେକ ଅଞ୍ଚଳରେ ସେ ଖାଦ୍ୟପଦାର୍ଥ ବଣ୍ଟନ କରିଥିବା ସୂଚନା ମିଳିଛି ।

# କ୍ରିକେଟ୍

ସଂଯୁକ୍ତ ଆରବ ଏମିରେଟ୍ସର ସାରଜା ଠାରେ ଆରମ୍ଭ ହୋଇଥିବା ଆଇ.ସି.ସି. ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ୧୬ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ଶ୍ରୀଲଙ୍କାକୁ ୩୧ ରନ୍‌ରେ ପରାସ୍ତ କରିଛି । ଆସନ୍ତା ରବିବାର ଦିନ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା  ଏହି ପ୍ରତିଯୋଗିତାରେ ୧୦ଟି ଟିମ୍ ଭାଗ ନେଇଛନ୍ତି ।